# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 11th September – 2025

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ସାରର ଅଭାବ ନାହିଁ; ସାର ଯୋଗାଣ ସ୍ଥିତିର ସମୀକ୍ଷା କରି କହିଲେ ମୁଖ୍ୟମନ୍ତ୍ରୀ

– ପାକ୍ସ ଓ ଲାମ୍ପ୍ସରେ ସାର ଆବଣ୍ଟନ କାର୍ଯ୍ୟକୁ ତଦାରଖ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

- ସୁସ୍ଥ ରହିବା ପାଇଁ ସୁଷମ ଖାଦ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା; 'ହେଲ୍‌ଦି ଡାଏଟ୍' ଅଭିଯାନର କଲେ ଶୁଭାରମ୍ଭ

- ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜମି ଯୋଗାଇ ଦେବେ ରାଜ୍ୟ ସରକାର

ଏବଂ

- ଦେଶରେ ପ୍ରଥମ ମହିଳା ଦୃଷ୍ଟିବାଧିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଦଳରେ ଓଡ଼ିଶାରୁ ୪ ଜଣ ସାମିଲ

BBSR/R

## ସାର ଆବଣ୍ଟନ

ରାଜ୍ୟରେ ସାରର ଅଭାବ ନାହିଁ ଏବଂ ସମସ୍ତ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ସାର ଆବଣ୍ଟନ କାର୍ଯ୍ୟ ସୁରୁଖୁରୁରେ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆଜି ସାର ଯୋଗାଣ ସ୍ଥିତିର ସମୀକ୍ଷା କରି ସମସ୍ତ ଜିଲ୍ଲାରେ ଥିବା ପାକ୍ସ ଏବଂ ଲାମ୍ପ୍ସ ଜରିଆରେ ସାର ଆବଣ୍ଟନ କାର୍ଯ୍ୟକୁ ଠିକ୍ ଭାବେ ତଦାରଖ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର କଳାବଜାରୀ କିମ୍ବା ନକଲି ସାରର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ସ୍ଥାନରେ ସାରକୁ ଜବତ ନ କରି ସେ ସାରକୁ ନିକଟସ୍ଥ ପାକ୍ସ କିମ୍ବା ଲାମ୍ପ୍ସକୁ ସ୍ଥାନାନ୍ତରିତ କରି ଚାଷୀଙ୍କୁ ଆବଣ୍ଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଚଳିତ ମାସ ୩୦ ତାରିଖ ସୁଦ୍ଧା ୯ ଲକ୍ଷ ୫୫ ହଜାର ମେଟ୍ରିକ ଟନ୍ ସାରର ଆବଶ୍ୟକତା ଥିବାବେଳେ କେନ୍ଦ୍ର ସରକାର ଏହି ପରିମାଣର ସାର ଆବଣ୍ଟନ କରିଛନ୍ତି। ଆବଶ୍ୟକ ହେଲେ ଅଧିକ ସାର ପାଇଁ କେନ୍ଦ୍ରକୁ ଅନୁରୋଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

## ଖାଦ୍ୟଯୋଗାଣ ମନ୍ତ୍ରୀ– ମାପକ ଯନ୍ତ୍ର

ରାଜ୍ୟରେ ନକଲି ମାପକ ଯନ୍ତ୍ରରେ ବିଭିନ୍ନ ସାମଗ୍ରୀ ବିକ୍ରିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ପେଟ୍ରୋଲ ପମ୍ପ, ସୁନା ଦୋକାନ ଏବଂ ବିଭିନ୍ନ ଖାଦ୍ୟ ସାମଗ୍ରୀ ବିକ୍ରୟ ଦୋକାନରେ ଓଜନରେ ଠକେଇ ନଜରକୁ ଆସିଲେ ଚଢ଼ାଉ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାର ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବ ଏବଂ ବିଭାଗରେ ଖାଲିଥିବା ପଦବୀ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

Koraput

## ରାଜ୍ୟପାଳ- ଜଙ୍ଗଲଜମି ପଟ୍ଟା ପ୍ରଦାନ

କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଚଳିତ ବର୍ଷ ଶେଷ ସୁଦ୍ଧା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲଜମି ପଟ୍ଟା ପ୍ରଦାନ କରାଯିବ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ରାଜ୍ୟପାଳ ଚାରିଦିନିଆ କୋରାପୁଟ ଓ ମାଲକାନଗିରି ଜିଲ୍ଲା ଗସ୍ତ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଜଳଜୀବନ ମିଶନ କାର୍ଯ୍ୟକ୍ରମ ୨୦୨୬ ମସିହା ଡିସେମ୍ବର ମାସ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତମାଳା ରାସ୍ତାର ନିର୍ମାଣ ଆସନ୍ତା ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଶେଷ ହୋଇଗଲେ କୋରାପୁଟ ଓ ବିଶାଖାପାଟଣା ସହର ମଧ୍ୟରେ ଦୂରତା କମିଯିବ ଏବଂ ଲୋକମାନେ ସୁବିଧାରେ ଯିବା ଆସିବା କରିପାରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ମାଲକାନଗିରି ଜିଲ୍ଲାର ସୀତାକୁଣ୍ଡ ଓ କୋରାପୁଟ ଜିଲ୍ଲାର ଦେଓମାଳୀ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ସେ ଗୁରୁତ୍ୱାରୋପ କରିଥିଲେ।

BBSR/R

## ଉପମୁଖ୍ୟମନ୍ତ୍ରୀ– ସୁଷମ ଖାଦ୍ୟ

'ସୁସ୍ଥ ରହିବା ପାଇଁ ସୁଷମ ଖାଦ୍ୟ ଏବଂ ସୁସ୍ଥ ମନ'ର ଆବଶ୍ୟକତା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱରଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ 'ହେଲ୍‌ଦି ଡାଏଟ୍ ଅଭିଯାନ'ର ଶୁଭାରମ୍ଭ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଆଦିବାସୀ ମହିଳାମାନଙ୍କ ସୁସ୍ଥ ଶରୀରର ପ୍ରମୁଖ କାରଣ ହେଉଛି ମାଣ୍ଡିଆ। ବଜାରର ଜଙ୍କଫୁଡ୍‌ଠାରୁ ଦୂରରେ ରହି ଘର ତିଆରି ପାରମ୍ପରିକ ଖାଦ୍ୟ ଯଥା ମାଣ୍ଡିଆ, ପଖାଳ ଓ ପିଠା ଆଦିକୁ ଆପଣାଇବା ପାଇଁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିଶେଷ କରି ଗ୍ରାମାଞ୍ଚଳ ମହିଳାମାନଙ୍କର ମେଦବହୁଳତା ଦୂର କରିବା ଉପରେ ଶ୍ରୀମତୀ ପରିଡ଼ା ବିଶେଷ ଗୁରୁତ୍ୱାରୋପ କରିଥିଲେ।

**- V/O -**

ଆଗାମୀ ଦିନରେ ଅଙ୍ଗନବାଡ଼ି ମାଧ୍ୟମରେ ଗ୍ରାମଗୁଡ଼ିକରେ ସୁସ୍ଥ ଜୀବନଶୈଳୀ ଉପରେ ଜନସଚେତନତା ସୃଷ୍ଟି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

HS

# କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟୁଡିଓ ଆସନ୍ତା ଜାନୁଆରୀ ମାସରୁ କାର୍ଯ୍ୟକ୍ଷମ ହେବ। ଆଜି ସାତ ଜଣିଆ ବିଧାୟକ ଦଳ କମିଟି କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ କରି ଭିତ୍ତିଭୂମି ଯାଞ୍ଚ କରିଛନ୍ତି। ବିଧାୟକ ଦଳ କମିଟିର ଚେୟାରମ୍ୟାନ୍ ଦୁଷ୍ମନ୍ତ ସ୍ୱାଇଁ କାର୍ଯ୍ୟର ସମୀକ୍ଷା କରିବା ପରେ କହିଛନ୍ତି, କଳିଙ୍ଗ ଷ୍ଟୁଡିଓ କାର୍ଯ୍ୟକ୍ଷମ ହେବା ପରେ ପୁଣିଥରେ ଏଠାରେ ସିନେମା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିବ।

HS

# ବସୁନ୍ଧରା ଯୋଜନା

ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଜମି ଯୋଗାଇ ଦେବାକୁ ସରକାର ଯୋଜନା କରିଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଯେଉଁମାନଙ୍କର ଚାରି ଡିସିମିଲ୍‌ରୁ କମ୍ ଜମି ଥିବ ତାଙ୍କୁ ଜମିହୀନ ବ୍ୟକ୍ତିଭାବେ ବିବେଚନା କରାଯିବ। ଯେଉଁ ଜନଜାତି ସମ୍ପ୍ରଦାୟ ଲୋକ ଜଙ୍ଗଲ ଜମିରେ ରହୁଛନ୍ତି ତାଙ୍କୁ ସରକାର ୧୦ ଡିସିମିଲ୍ ଜମି ପ୍ରଦାନ କରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ହୀରାକୁଦ ବନ୍ଧ ନିର୍ମାଣ ସମୟରେ ଯେଉଁମାନେ ବିସ୍ଥାପିତ ହୋଇଥିଲେ ସେମାନଙ୍କୁ ମଧ୍ୟ ଜମିପଟ୍ଟା ଦେବାକୁ ରାଜସ୍ୱ ବିଭାଗ କାର୍ଯ୍ୟ କରୁଛନ୍ତି। ରାଜ୍ୟର ୨୨ ହଜାରରୁ ଅଧିକ ଶିକ୍ଷାନୁଷ୍ଠାନକୁ ଇତିମଧ୍ୟରେ ସରକାର ଜମି ଯୋଗାଇ ଦେଇସାରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

- V/O –

BBSR/R

## ଓଡ଼ିଆ ଯାତ୍ରୀ ନେପାଳରୁ ଉଦ୍ଧାର

ନେପାଳରେ ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ୨୩ ଜଣ ଓଡ଼ିଆ ଯାତ୍ରୀଙ୍କୁ ସରକାର ନେପାଳରୁ ଉଦ୍ଧାର କରି ଭାରତକୁ ଫେରାଇ ଆଣିଛନ୍ତି । ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ପରିବାର ନିର୍ଦ୍ଦେଶାଳୟ, କେନ୍ଦ୍ର ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟର ସହଯୋଗରେ ଓଡ଼ିଆ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି ।

Sambalpur

## ତୀର୍ଥଯାତ୍ରା

ସମ୍ବଲପୁରରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ଜଣାପଡ଼ିଛି ଏହି ଯୋଜନାରେ ସମ୍ବଲପୁରରୁ ଅଯୋଧ୍ୟା–ବାରଣାସୀ ଅଭିମୁଖେ ଆସନ୍ତା ଅକ୍ଟୋବର ମାସ ୮ ତାରିଖରୁ ଯାତ୍ରା ଆରମ୍ଭ ହେବ । ଏହି ଯୋଜନାରେ ସମ୍ବଲପୁରରୁ ଅଣାନବେ ଜଣ ଯାତ୍ରା କରିବେ ।

Kendrapara

## ଚାରାରୋପଣ

କେନ୍ଦ୍ରାପଡ଼ାରେ ‘ଏକ ପେଡ଼୍ ମା କେ ନାମ ଅଭିଯାନ’ରେ ଆସନ୍ତା ୧୭ ତାରିଖରେ ବ୍ୟାପକ ଚାରାରୋପଣ କରାଯିବ । ଏନେଇ ଗାନ୍ଧୀ ମଇଦାନଠାରେ ଏକ ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

Kendrapra

## ଗଜଲକ୍ଷ୍ମୀ ପୂଜା ବୈଠକ

କେନ୍ଦ୍ରାପଡ଼ା ପୌର ଟାଉନ୍ ହଲ୍‌ଠାରେ ପ୍ରସିଦ୍ଧ ମା’ ଗଜଲକ୍ଷ୍ମୀଙ୍କ ପୂଜା ନିମନ୍ତେ ପ୍ରଥମ ସମନ୍ୱୟ ତଥା ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର୍. ଅୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା, ରାସ୍ତା ମରାମତି, ସ୍ୱାସ୍ଥ୍ୟସେବା, ପରିମଳ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।

Boudh

## ସଚେତନତା କର୍ମଶାଳା

ବୌଦ୍ଧଠାରେ କେନ୍ଦ୍ରୀୟ ମାନକ ବ୍ୟୁରୋ ଦ୍ୱାରା – ବି.ଆଇ.ଏସ୍. ହଲମାର୍କ ସୁନା ଓ ରୁପା କାରବାର ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ମାନକ ବ୍ୟୁରୋର ବରିଷ୍ଠ ନିର୍ଦ୍ଦେଶକ ଅକ୍ଷୟ କୁମାର ପୁରୋହିତ ଯୋଗଦେଇ ସୁନା ଓ ରୁପାର ସୁଦ୍ଧତା ଜାଣିବା ସମ୍ପର୍କରେ ସଚେତନ କରାଇଥିଲେ। ଏଥିସହ ସୁନା ଦୋକାନୀଙ୍କ ପାଇଁ ରହିଥିବା ଦଣ୍ଡବିଧି ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା।

Nayagarh

## ଆଇନ ସଚେତନତା ଶିବିର

ନୟାଗଡ଼ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଅଞ୍ଜଳୀ ମଛଖଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦାଦନ ଶ୍ରମିକମାନଙ୍କ ସମସ୍ୟା ଓ ତା’ର ପ୍ରତିକାର ଉପରେ ଆଲୋକପାତ କରିଥିଲେ। ଦାଦନ ଶ୍ରମିକ ସେମାନଙ୍କ ନାମ ଶ୍ରମ କାର୍ଯ୍ୟାଳୟରେ

ପଞ୍ଜୀକରଣ କରିବା ସହ ସେମାନଙ୍କ ପାଇଁ ଥିବା ଆର୍ଥିକ ସହାୟତା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ଆଲୋକପାତ କରିଥିଲେ ।

Subarnpur

## ଜିଲ୍ଲା ପରିଷଦ ବୈଠକ

ସୁବର୍ଣ୍ଣପୁର ଜିଲ୍ଲା ପରିଷଦର ସ୍ୱତନ୍ତ୍ର ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦର ଅଧ୍ୟକ୍ଷା ସୁପାର ଠେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୋଚିତ ହୋଇଥିବା ପ୍ରସ୍ତାବ ଗୃହୀତ ହୋଇଥିଲା । ବୈଠକରେ ଜିଲ୍ଲାପାଳ, ବିଧାୟକ, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

Desk

## ବନକଲାଗି ନୀତି

ଆଶ୍ୱିନ କୃଷ୍ଣ ଚତୁର୍ଥୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି ।  ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ଗୁପ୍ତ ନୀତି ଆରମ୍ଭ ହୋଇଛି । ମହାପ୍ରଭୁଙ୍କ ଗୁପ୍ତ ନୀତି ପାଇଁ ଆଜି ସଂଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

Puri

## କ୍ରିକେଟ୍ ଚାମ୍ପିୟନସିପ୍

ତୃତୀୟ ସର୍ବଭାରତୀୟ ଟି-୨୦ ଟେନିସ ବଲ କ୍ରିକେଟ୍ ଚାମ୍ପିୟନସିପ୍ ପ୍ରତିଯୋଗିତା ଆଜିଠାରୁ ପୁରୀ ଶ୍ରୀଜଗନ୍ନାଥ ଷ୍ଟାଡିୟମଠାରେ ଆରମ୍ଭ

ହୋଇଛି । କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୩୧ଟି ଦଳ ଅଂଶଗ୍ରହଣ କରୁଛନ୍ତି । ସେମାନଙ୍କ ମଧ୍ୟରେ ପୁରୁଷ ବର୍ଗରେ ୨୫ଟି ଏବଂ ମହିଳା ବର୍ଗରେ ୬ଟି ଦଳ ଅନ୍ତର୍ଭୁକ୍ତ। ପ୍ରତିଦିନ ସକାଳ ୮ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୪ ତାରିଖ ସନ୍ଧ୍ୟାରେ ପୁରୁଷ ଏବଂ ମହିଳା ଉଭୟ ବର୍ଗରେ ଫାଇନାଲ ମ୍ୟାଚ୍ ଖେଳାଯିବ।

Desk

## ମହିଳା ଦୃଷ୍ଟିବାଧିତ ବିଶ୍ୱକପ୍

ପ୍ରଥମ ମହିଳା ଦୃଷ୍ଟିବାଧିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଆସନ୍ତା ନଭେମ୍ବର ମାସ ୧୧ ତାରିଖରୁ ଆରମ୍ଭ ହେଉଛି। ସମସ୍ତ ମ୍ୟାଚ୍ ବେଙ୍ଗାଲୁରୁ ଓ ଦିଲ୍ଲୀରେ ଅନୁଷ୍ଠିତ ହେବ। ଏଥିରେ ୭ଟି ଦେଶ ଭାଗ ନେଇଥିବାବେଳେ ଓଡ଼ିଶାରୁ ୪ ଜଣ ଫୁଲ ସୋରେନ, ବାସନ୍ତୀ ହାଁସଦା, ପାର୍ବତୀ ମାରାଣ୍ଡି, ଯମୁନାରାଣୀ ଟୁଡୁ ସାମିଲ ହୋଇଛନ୍ତି।

MET

## ପାଣିପାଗ

ଦକ୍ଷିଣ ଓଡ଼ିଶା ଓ ସଂଲଗ୍ନ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଯାଇଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି

କରାଯାଇଛି। ଗତ ୨୪ ଘଣ୍ଟାରେ ମୟୂରଭଞ୍ଜ ଜିଲ୍ଲାର ଚନ୍ଦନପୁରଠାରେ ସର୍ବାଧିକ ୫୧ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।